## ଦୋକାନ ଗୋଦାମରେ ଅଗ୍ନିକାଣ୍ଡ

**ପଟ୍ଟାମୁଣ୍ଡାଇ,(ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ଥାନା ଅଧୀନ ସାନଜରିଆ ବଜାରରେ ଥିବା ତେଜରାତି ଓ ସାର ଦୋକାନ ଗୋଦାମରେ ନିଆଁ ଲାଗି ପ୍ରାୟ ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଥିବା ମାଲିକ ସାନଜରିଆ ଗ୍ରାମର ହରିହର ସାହୁ ଅଭିଯୋଗ କରିଛନ୍ତି। ଅଗ୍ନିଶମ ବିଭାଗ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିଛନ୍ତି । ରବିବାର ସନ୍ଧ୍ୟା ପ୍ରାୟ ୬ ଟା ସମୟରେ ଗୋଦାମ ବନ୍ଦ ଥିଲା ବେଳେ ହଠାତ ନିଆଁ ଲାଗି ଯାଇଥିଲା । ସ୍ଥାନୀୟ ଲୋକମାନେ ଏହା ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ ।

# ମାଛଚାଷ କରିଛି ମହିଳାଙ୍କୁ ସ୍ୱାବଲମ୍ବୀ

■ ମାସକୁ ୫ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେଉଛି ଆୟ
■ ୧୬୦ ହେକ୍ଟର ପୋଖରୀକୁ ସହାୟତା ପ୍ରଦାନ

**କେନ୍ଦ୍ରାପଡ଼ା ଅଫିସ, ୯।୧**

ଶିଳ୍ପବିହୀନ କେନ୍ଦ୍ରାପଡ଼ା ଜିଲାରେ କୃଷିକୁ ଗୁରୁତ୍ୱ ଦିଆଯାଏ । ତେବେ ସାଧାରଣ ଧାନ ଫସଲ ପରିବାରର ଅର୍ଥନୀତିକୁ ସମ୍ଭାଳି ପାରୁନାହିଁ । ଫଳରେ ଜିଲାର ଯୁବ ମାନବସମ୍ବଳ ବିଦେଶମୁହାଁ ହେଉଥିବା ବେଳେ ମହିଳାମାନେ ମାଛଚାଷ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି । ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଜିଲା ମତ୍ସ୍ୟ ବିଭାଗ ସହାୟତାରେ ମାଛଚାଷରୁ ଆୟ କରୁଥିବା ଦେଖାଯାଉଛି । ଜିଲାର ୩୮୯ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ପ୍ରାୟ ୪ ହଜାର ସଦସ୍ୟା ଏହି ଚାଷରେ ମନୋନିବେଶ କରି ମାସକୁ ୫ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ରୋଜଗାର ପାଇଁ ସକ୍ଷମ ହେଉଛନ୍ତି ।

ଏ ସମ୍ପର୍କରେ ରାଜକନିକା ବ୍ଲକ ପେଗରପଡ଼ା ଗ୍ରାମର ଅଞ୍ଜଳି ସେଠୀ କୁହନ୍ତି, ନଦୀନାଳରୁ ଧରାହୋଇ ଆସୁଥିବା ମାଛକୁ ବିକିବା ପ୍ରାଥମିକ ବେଉସା ଥିଲା । ବିଭିନ୍ନ ସମୟରେ ଏହି ପ୍ରାକୃତିକ ଉତ୍ସରୁ ମାଛ ସଂଗ୍ରହ ହୋଇ ନ ପାରିଲେ ପରିବାର ସଦସ୍ୟଙ୍କ ଭରଣପୋଷଣରେ ସମସ୍ୟା ହେଉଥିଲା । ଗତ ୨ ବର୍ଷ ପୂର୍ବେ ବାବା ଜଳେଶ୍ୱର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ ସହିତ ପଞ୍ଚାୟତ ଓ ସ୍ଥାନୀୟ ୨ଟି ପୋଖରୀକୁ ମାଛ ଚାଷ ପାଇଁ ଲିଜ୍ ନିଆଯାଇଥିଲା । ଏହି ୧୦ ଜଣିଆ ଗୋଷ୍ଠୀର ପ୍ରତ୍ୟେକ ସଦସ୍ୟା ପୋଖରୀ ନିକଟକୁ ଯିବା, ମାଛ ଓ ପୋଖରୀର ତତ୍ତ୍ୱାବଧାନରେ ପ୍ରଥମ ବର୍ଷର ଆୟ ଆମକୁ ଏହି ଚାଷ ପାଇଁ ଉତ୍ସାହିତ କରିଥିଲା । ଗତବର୍ଷର ଆୟକୁ ଦେଖି ସଦସ୍ୟାଙ୍କ ସଂଖ୍ୟା ବୃଦ୍ଧି ସହିତ ଆଖପାଖ ୧୨ଟି ପୋଖରୀକୁ ଲିଜ୍ ନିଆଯାଇଥିବା ସେ ପ୍ରକାଶ କରିଛନ୍ତି। ଗରଦପୁର ବ୍ଲକ ଏନ୍ତାଳପୁରର ସିଦ୍ଧ ମହାବୀର ଏସ୍‌ଏଚ୍‌ଜି ସମ୍ପାଦିକା ଲକ୍ଷ୍ମୀପ୍ରିୟା ମଲ୍ଲିକ କହିଛନ୍ତି, କରୋନା ସଂକ୍ରମଣ ସମୟରେ ମାଛଚାଷ ବଞ୍ଚିବାର ନୂଆ ରାହା ଦେଖାଇଛି । ଗରିବ ପରିବାର ପାଇଁ ଏହି ଚାଷ ବେଶ୍ ଉପଯୋଗୀ । ଗ୍ରାମରେ ଥିବା ପୋଖରୀକୁ ବ୍ୟବହାର କରି ମାସକୁ ୫ ହଜାରରୁ ଅଧିକ ଟଙ୍କା ରୋଜଗାର ହୋଇପାରୁଛି । ରାଜନଗର ବ୍ଲକ ବସନ୍ତପୁର ଗ୍ରାମର ଜୟନ୍ତୀ ରାଉତ କୁହନ୍ତି, ଅଲିଭ୍ ରିଡ୍‌ଲେ କଇଁଛଙ୍କ ପ୍ରଜନନ ପାଇଁ ବର୍ଷକରେ ୭ ମାସ ସାମୁଦ୍ରିକ ମାଛଧରା କଟକଣା ରହୁଛି । ଏହି ସମୟରେ ପରିବାର ସଦସ୍ୟମାନେ ସମୁଦ୍ରକୁ ଯାଇ ପାରୁ ନ ଥିବାରୁ ବହୁ ସମୟରେ ଭୋକ ଉପାସରେ ରହିବାକୁ ପଡୁଥିଲା । ତେବେ ଜିଲା ମତ୍ସ୍ୟ ବିଭାଗର ପ୍ରୋତ୍ସାହନ ପରେ ଆମ ମହିଳା ଗୋଷ୍ଠୀ ମାଛଚାଷ ପାଇଁ ମନ ବଳାଇଥିଲେ । ଏଥିରେ ପରିବାରର ସମସ୍ତ ଆବଶ୍ୟକତା ପୂରଣ ହୋଇପାରୁ ନ ଥିଲେ ମଧ୍ୟ ପିଲାଙ୍କ ମୁହଁରେ ଗଣ୍ଡେ ଖାଇବାକୁ ଦେଇ ହେଉଛି । ଏହା କେବଳ ମାଛଚାଷ ଯୋଗୁ ସମ୍ଭବ ହୋଇଥିବା ସେ ପ୍ରକାଶ କରିଛନ୍ତି । ଏହି ବ୍ଲକ ଭେଟ୍ଟକୋଲାର ଶ୍ରୀ ଶମ୍ଭୁ ମହିଳା ଗୋଷ୍ଠୀ ସଦସ୍ୟା ମମତାରାଣୀ ସାମଲ କହିଛନ୍ତି, ସେମାନେ ରୋହି, ଭାକୁର, ମୀରକାଳି ଆଦି ମାଛ ଚାଷ କରୁଛନ୍ତି । ବ୍ୟବସାୟୀମାନେ ପୋଖରୀ ନିକଟରୁ ମାଛ ନେଇ ଟଙ୍କା ଦେଉଛନ୍ତି । ନଗଦ ଟଙ୍କା ମିଳୁଥିବାରୁ ମାଛଚାଷରୁ ଲାଭ ହେଉଥିବା ସେ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଜିଲା ମତ୍ସ୍ୟ ଅଧିକାରିଣୀ ମମତା ମହାପାତ୍ର କହିଛନ୍ତି, ଜିଲାର ବିଭିନ୍ନ ଗୋଷ୍ଠୀ ଦ୍ୱାରା ପ୍ରାୟ ୧୬୦ ହେକ୍ଟର ପୋଖରୀ ଅଞ୍ଚଳରେ ମାଛଚାଷ ହେଉଛି । ପ୍ରତି ଗୋଷ୍ଠୀକୁ ୬୦ ପ୍ରତିଶତ ରିହାତିରେ ହେକ୍ଟର ପ୍ରତି ୯୦ ହଜାର ଟଙ୍କାର ଋଣ ସହାୟତା ବିଭାଗ ପକ୍ଷରୁ ଦିଆଯାଉଛି । ମହାକାଳପଡ଼ା ଓ ରାଜନଗର ବ୍ଲକ ଅଞ୍ଚଳରେ ମାଛଚାଷକୁ ଗୁରୁତ୍ୱ ଦିଆଯାଉଥିବା ସେ ମତ ଦେଇଛନ୍ତି।

## ସଂକ୍ଷେପରେ

### ଜିଲା ପରିଷଦ ସଂରକ୍ଷଣ ଚିଠା ପ୍ରକାଶିତ

**କେନ୍ଦ୍ରାପଡ଼ା ଅଫିସ,୯।୧:** ଆସନ୍ତା ତ୍ରିସ୍ତରୀୟ ନିର୍ବାଚନ ପାଇଁ ଜିଲା ପରିଷଦ ଜୋନ୍‌ର ସଂରକ୍ଷଣ ଚିଠା ପ୍ରକାଶିତ ହୋଇଛି। ଜିଲାପାଳ ଅମୃତ ଋତୁରାଜଙ୍କ ଗତ ୭ ତାରିଖ ଚିଠି ଅନୁଯାୟୀ ଜିଲାର ୩୨ ଜୋନ୍ ମଧ୍ୟରୁ ୧୬ ଜୋନ୍(ନଂ.୨, ୪, ୮, ୧୦, ୧୭, ୨୦, ୨୨, ୨୩, ୨୪, ୨୬, ୨୮, ୩୦ ଓ ୩୧)କୁ ଅଂସରକ୍ଷିତ କରାଯାଇଛି । ସେହିପରି ମହିଳାଙ୍କ ପାଇଁ ୧, ୩, ୬, ୭, ୯, ୧୧, ୧୯, ୨୧, ୨୫, ୨୭ ଓ ୨୯ ନମ୍ବର ଜୋନ୍‌ଗୁଡିକ ସଂରକ୍ଷିତ ହୋଇଛି । ଏହାବାଦ୍ ୫ନଂ. ଜୋନ୍ ଅନୁସୂଚିତ ଜାତି ମହିଳା, ୧୨ନଂ. ଅନୁସୂଚିତ ଜାତି, ୧୩ ନଂ. ଅନୁସୂଚିତ ଜାତି ମହିଳା, ୧୪ ନଂ. ଅନୁସୂଚିତ ଜାତି, ୧୫ ନଂ. ଅନୁସୂଚିତ ଜାତି ମହିଳା, ୧୬ନଂ. ଅନୁସୂଚିତ ଜାତି, ୧୮ନଂ. ଅନୁସୂଚିତ ଜାତି ମହିଳା ଓ ୩୨ନଂ. ଜୋନ୍ ଅଞ୍ଚଳକୁ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷଣ କରାଯାଇଛି ।

### ଭାଜପା ପକ୍ଷରୁ ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ଧାରଣା

**ଜଗତ୍‌ସିଂହପୁର ଅଫିସ,୯।୧:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁରକ୍ଷା ବ୍ୟବସ୍ଥାରେ ୫ ତାରିଖରେ ପଞ୍ଜାବରେ ତ୍ରୁଟି ହୋଇଥିଲା। ଏପରି କି ପ୍ରଧାନମନ୍ତ୍ରୀଙ୍କ କାର୍‌କେଡ୍‌କୁ ରାସ୍ତା ମଝିରେ ଓ ପୋଲ ଉପରେ ୨୦ ମିନିଟ୍ ଅଟକା ଯାଇଥିଲା । ସୌଭାଗ୍ୟବଶତଃ ପ୍ରଧାନମନ୍ତ୍ରୀ ଏକ ସମ୍ଭାବ୍ୟ ଅଘଟଣରୁ ବର୍ତ୍ତି ଯାଇଥିଲେ। ରବିବାର ଭାଜପା ଜିଲା ଶାଖା ପକ୍ଷରୁ ଏଭଳି ଅଭିଯୋଗ କରାଯାଇ ସ୍ଥାନୀୟ ଗାନ୍ଧୀ ଛକ ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ମୌନ ପ୍ରତିବାଦ କରାଯାଇଥିଲା । ଦଳ ଜିଲା ସଭାପତି ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉପେନ୍ଦ୍ରନାଥ ବିଶ୍ୱାଳ, ମିଡିଆ ସେଲ ଅଧକ୍ଷ ଗଣେଶ ପ୍ରସାଦ ମହାନ୍ତି, ସାଧାରଣ ସମ୍ପାଦକ ଜଗନ୍ନାଥ ଦାଶ, ନଗର ସଭାପତି ଅକ୍ଷୟ ପାତ୍ର, ମଣ୍ଡଳ ସଭାପତି ଶିଶିର ପାତ୍ର, ଚିତ୍ତରଞ୍ଜନ ପଣ୍ଡା ଓ ଧନେଶ୍ୱର ରାୟ ପ୍ରମୁଖ ସାମିଲ ହୋଇଥିଲେ । ପ୍ରଥମେ ବାପୁଜୀଙ୍କ ପ୍ରତିମୂର୍ତ୍ତିରେ ଫୁଲମାଳ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ପରେ ଧାରଣା ଓ ଶେଷରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା।

### କଂଗ୍ରେସର ମିଶ୍ରଣ ପର୍ବ

**ରାଜନଗର,୯।୧(ଡି.ଏନ.ଏ.):** ରାଜନଗର ବ୍ଲକ କଣ୍ଡିରା ପଞ୍ଚାୟତରେ ରବିବାର କଂଗ୍ରେସର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ସଭାପତି କଳାକର ସାହୁଙ୍କ ନେତୃତ୍ୱରେ ବହୁ ବିଜେଡି ଓ ଭାଜପା କର୍ମୀ ଦଳ ଛାଡ଼ି ପୂର୍ବତନ ବିଧାୟକ ତଥା ଜିଲା କଂଗ୍ରେସ କମିଟିର ସଭାପତି ଅଂଶୁମାନ ମହାନ୍ତିଙ୍କ ଉପରେ ଆସ୍ଥା ପ୍ରକଟ କରି କଂଗ୍ରେସରେ ସାମିଲ ହୋଇଛନ୍ତି ।

### ବିଜୁ ବିକାଶ ମଞ୍ଚ ଗଠିତ

**ଚଣ୍ଡିଖୋଲ,୯।୧(ଡି.ଏନ.ଏ.):** ବଡ଼ଚଣା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଶୁଙ୍ଗୁଡ଼ା ପଞ୍ଚାୟତରେ ପୁରୁଖା ବିଜେଡି କର୍ମୀମାନେ ବିଜୁ ବିକାଶ ମଞ୍ଚ ନାମରେ ଏକ ସଙ୍ଗଠନ ଗଠନ କରିଛନ୍ତି। ଏହିକ୍ରମରେ ରବିବାର ମଞ୍ଚ ପକ୍ଷରୁ ସ୍ଥାନୀୟ ବିଜୁଳେଇ ଠାକୁରାଣୀ ପୀଠରେ କର୍ମୀ ଏକତ୍ରିତ ହେବା ସହ ବନ୍ଧୁମିଳନ କାର୍ଯ୍ୟକ୍ରମ କରିଛନ୍ତି। ଅବସରପ୍ରାପ୍ତ ଶିକ୍ଷକ କୁଳମଣି ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତର ବିଭିନ୍ନ ସମସ୍ୟା ଓ ଆଗାମୀ ପଞ୍ଚାୟତ ନିର୍ବାଚନ ସମ୍ପର୍କରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ବିକଶିତ ପଞ୍ଚାୟତ ଗଠନ ପାଇଁ ସର୍ବ ସମ୍ମତିକ୍ରମେ ପ୍ରସ୍ତାବ ନିଆଯାଇଥିଲା। ଅନ୍ୟମାନଙ୍କ ମଧରେ ବିଜୟ ବ୍ରହ୍ମ, ମନସୁର ଖାଁ, କିଶୋର ମହାପାତ୍ର, ସନ୍ତୋଷ ରାଉତ, ଅମୂଲ୍ୟ ଜେନା, ପଦ୍ମଚରଣ ଜେନା, ରବୀନ୍ଦ୍ର ରାଉତ, ଧନେଶ୍ୱର ସ୍ୱାଇଁ, ଦିଲୀପ ଜେନା ଓ ଲକ୍ଷ୍ମୀଧର ସାହୁ ଙ୍କ ସମେତ ଶତାଧିକ ବ୍ୟକ୍ତି ଯୋଗ ଦେଇଥିଲେ। ଏହାର ସଭାପତି ଭାବେ କୁଳମଣି ନାୟକଙ୍କୁ ଚୟନ କରାଯାଇଥିଲା।

### ଜମି ପଟ୍ଟା ଯୋଗାଇ ଦେବାକୁ ଦାବିପତ୍ର

**କଳିଙ୍ଗନଗର,୯।୧(ଡି.ଏନ.ଏ.):** କଳିଙ୍ଗନଗର ଅଞ୍ଚଳ ଜନସାଧାରଣ ନିଜ ଜମି ପଟ୍ଟା ପାଉନାହାନ୍ତି। ଫଳରେ ସେମାନେ ଏବେ ଜମିର ମାଲିକାନା ସତ୍ତ୍ୱ ହରାଇବାକୁ ବସଛନ୍ତି। ଗରିବ ଲୋକଙ୍କ ପାଇଁ ସରକାର କରିଥିବା ବିଭିନ୍ନ ଯୋଜନା ପଟ୍ଟା ଅଭାବରୁ ମିଳି ପାରୁନାହିଁ। ଲୋକେ ସେମାନଙ୍କର ଜାତିଗତ, ଆୟ ଓ ବାସସ୍ଥାନ ପ୍ରମାଣପତ୍ର ମଧ୍ୟ ପାଇପାରୁ ନାହାନ୍ତି। ତେଣୁ ସେମାନଙ୍କୁ ଅବିଳମ୍ବେ ଜମି ପଟ୍ଟା ଯୋଗଇ ଦେବାକୁ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ଯାଜପୁର ଜିଲା କମିଟି ପକ୍ଷରୁ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ଜିଲା କମିଟି ସଭାପତି ଶମ୍ଭୁନାଥ ମହାନ୍ତ ଏବଂ ସମ୍ପାଦକ ଗୁଣବନ୍ତ ସିଂ ଦେବ ମହନ୍ତ ପ୍ରମୁଖ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ଜିଲାରେ ଦିନକରେ ୬୩ ସଂକ୍ରମିତ

**ଜଗତ୍‌ସିଂହପୁର ଅଫିସ, ୯।୧**

ଜଗତ୍‌ସିଂହପୁର ଜିଲାରେ କିଛି ଦିନ ହେବ କରୋନା ସଂକ୍ରମଣ ନିୟନ୍ତ୍ରଣାଧୀନ ଥିଲା । ଲୋକେ ଏକପ୍ରକାର ଆଶ୍ୱସ୍ତ ଅନୁଭବ କରୁଥିଲେ । ଶିକ୍ଷାନୁଷ୍ଠାନଗୁଡିକ ଖୋଲିବାରୁ ପିଲାମାନଙ୍କ ପାଠପଢ଼ା ନେଇ ଅଭିଭାବକମାନଙ୍କ ମନରେ ଖୁସି ଦେଖାଦେଇଥିଲା। ବ୍ୟବସାୟୀଙ୍କଠାରୁ ସାଧାରଣ ଲୋକ ପର୍ଯ୍ୟନ୍ତ ପ୍ରତ୍ୟେକ କର୍ମକ୍ଷେତ୍ରରେ ଆଗେଇ ଚାଲିଥିଲେ । ମାତ୍ର ଏବେ ପୁଣି କରୋନା ଗ୍ରାଫ୍ ଉପରମୁହାଁ ହୋଇଛି। ଗୋଟିଏ ଦିନରେ ଅର୍ଥାତ୍ ରବିବାର ଜିଲାରୁ ୬୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୮ ବର୍ଷର ୧୧ ଜଣ ପିଲା ରହିଛନ୍ତି। ସଂକ୍ରମିତଙ୍କ ମଧ୍ୟରୁ ବିରିଡ଼ି ୮, କୁଜଙ୍ଗ ୧୬, ତିର୍ତ୍ତୋଲ ୬, ରଘୁନାଥପୁର ବ୍ଲକରୁ ୪ଜଣ ଲେଖାଏ ଥିବାବେଳେ ଜଗତ୍‌ସିଂହପୁର ପୌରାଞ୍ଚଳ ୫ ଓ ପାରାଦୀପ ପୌରାଞ୍ଚଳରୁ ୧୫ ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ଜଗତ୍‌ସିଂହପୁର ଓ ଏରସମା ବ୍ଲକରୁ ୩ ଜଣ ଲେଖାଏ ଏବଂ ବାଲିକୁଦା ଓ ନାଉଗାଁରୁ ଜଣେ ଲେଖାଏ ସଂକ୍ରମିତ ରହିଛନ୍ତି। ଏହାକୁ ମିଶାଇ ଜିଲାରେ ଆକ୍ଟିଭ୍ ମାମଲା ସଂଖ୍ୟା ୧୪୨ ହୋଇଥିବାବେଳେ ୩୧୯ ଜଣଙ୍କ ମୃତ୍ୟୁ ଘଟିଛି। ଆଗକୁ ପରିସ୍ଥିତି ଜଟିଳ ହେବା ଆଶଙ୍କା କରି ଲୋକେ ଭୟଭୀତ ହୋଇପଡ଼ିଛନ୍ତି।

# ପାର୍ଟି ନୁହେଁ, ମାଟି ପାଇଁ ଲଢ଼ିବାକୁ ଶପଥ

**ପଟ୍ଟାମୁଣ୍ଡାଇ,୯।୧(ସ୍ୱ.ପ୍ର.)**

ପାର୍ଟି ନୁହେଁ ମାଟି ପାଇଁ ଲଢେଇ ଜୋରଦାର କରିବାକୁ ଶପଥ ନେଇଛନ୍ତି ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦର କର୍ମକର୍ତ୍ତା । ପଟ୍ଟାମୁଣ୍ଡାଇକୁ ସବ୍‌ଡିଭିଜନ,ରାଜନଗରକୁ ଏନ୍‌ଏସି ଘୋଷଣା ଦାବି କରାଯାଇଥିବ ବେଳେ କୃଷି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ଉପରେ ପରିଷଦର କର୍ମକର୍ତ୍ତା ଗୁରୁତ୍ୱାରୋପ କରିଥିଲେ ।

ରବିବାର ବିକାଶ ପରିଷଦ କାର୍ଯ୍ୟାଳୟଠାରେ ଆବାହକ ଆଡ଼ଭୋକେଟ ରାମକୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ମିଳନୀରେ ବିକାଶ ପରିଷଦ ପ୍ରତିଷ୍ଠାତା ବିଜୟକେତନ ସ୍ୱାଇଁ କହିଲେ, ସର୍ବଦା ଅଞ୍ଚଳର ହକ୍ ପାଇଁ ଲଢେଇ କରିଆସିଥିବା ପଟ୍ଟାମୁଣ୍ଡାଇ-ରାଜନଗର ଏକ ଲଢୁଆ ମାଟି। ରାଜନୀତିର ପଶାପାଲିରେ ବିଭିନ୍ନ ଦଳ ନିଜର ସ୍ୱାର୍ଥ ସାଧନ ପାଇଁ ଏହି ମାଟିକୁ ବ୍ୟବହାର କରିଆସିଛନ୍ତି। ମାତ୍ର ପଟ୍ଟାମୁଣ୍ଡାଇ -ରାଜନଗର ମାଟିର ମୁଖ୍ୟଦାବୀ ପଟ୍ଟାମୁଣ୍ଡାଇ ସବ୍‌ଡ଼ିଭିଜନ ଓ ରାଜନଗର ଏନଏସି ପ୍ରତିଷ୍ଠା ସରକାରୀ କାଗଜକଲମରେ ସୀମିତ ରହିଛି । ଏଥି ସହିତ ବାରମ୍ବାର ବନ୍ୟା,ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଓ ମନ୍ଥର ଗତିରେ ଚାଲୁଥିବା ଅଳଭା-ମଦନପୁର ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ କରିବା ଦାବିରେ ବିକାଶ ପରିଷଦ ବାରମ୍ବାର ଆନ୍ଦୋଳନ କରିଛି। ମାଟିର ସ୍ୱାର୍ଥ ପାଇଁ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସ୍ୱାଇଁ ଘୋଷଣା କରିଥିଲେ । ଏହି ସମ୍ମିଳନୀରେ ବ୍ଲକ ସଭାପତି ଆଡ଼ଭୋକେଟ ଦେବବ୍ରତ ସ୍ୱାଇଁ, ଉପସଭାପତି ଅଭୟ ସ୍ୱାଇଁ,ନିରୋଦ ଦାସ ସୁବାସ ଦାସ, ସୁଧାଂଶୁ ପ୍ରଧାନ, ନଗରସଭାପତି ଆଡ଼ଭୋକେଟ ପ୍ରମୋଦ ସାହୁ, ମହିଳା ସଭାନେତ୍ରୀ ବିଷ୍ଣୁପ୍ରିୟା ଦାଶ,ମୁଖ୍ୟସମ୍ପାଦକ ନରେନ୍ଦ୍ର ସିଂହ,ମହାପ୍ରସାଦ ସାହୁ, ସମ୍ପାଦକ ଅମର ଦାସ ପ୍ରମୁଖ ଭାଷଣ ଦେଇ ପାର୍ଟି ନୁହେଁ ମାଟି ସ୍ୱାର୍ଥ ପାଇଁ ଲଢେଇ ଜୋରଦାର କରିବାକୁ ଆହ୍ୱାନ କରିଥିଲେ। ନଗର ଆବାହକ ପ୍ରତାପ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।



ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

**ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ କର୍ମକର୍ତ୍ତା ସମ୍ମିଳନୀ**

## ଡିଙ୍କିଆରେ ପଞ୍ଚାୟତ ନିର୍ବାଚନ ବାତିଲ ନେଇ ମିଶ୍ର ପ୍ରତିକ୍ରିୟା

**କୁଜଙ୍ଗ,୯।୧ (ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ଡିଙ୍କିଆରେ ଆଗାମୀ ପଞ୍ଚାୟତ ନିର୍ବାଚନକୁ ବାତିଲ କରିବା ପାଇଁ ସରକାର ଘୋଷଣା କରିଛନ୍ତି।

ଏଠାରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କାରେ ଓଡ଼ିଶା ଗ୍ରାମ ପଞ୍ଚାୟତ ଆକ୍ଟ ୧୯୬୫ ଓ ଧାରା ୧୩ ଅନୁଯାୟୀ ନିର୍ବାଚନ ବାତିଲ କରାଯାଇଛି। ଏନେଇ ଡିଙ୍କିଆ ପଞ୍ଚାୟତରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏ ସମ୍ପର୍କରେ ସରପଞ୍ଚ କିଶୋର କୁମାର ପରିଡ଼ା କହିଛନ୍ତି, ଡିଙ୍କିଆରେ ଆଇନଶୃଙ୍ଖଳା ପରିସ୍ଥିତି ଗମ୍ଭୀର ଥିବାରୁ ନିର୍ବାଚନ ଅସମ୍ଭବ। ନିର୍ବାଚନ ବାତିଲକୁ ଶ୍ରମିକ ନେତା ନିର୍ଭୟ ସାମନ୍ତରାୟ ସ୍ୱାଗତ କରିଥିବା ବେଳେ, ବହିଷ୍କୃତ ସମିତିସଭ୍ୟ ଦେବେନ୍ଦ୍ର ସ୍ୱାଇଁ ସରକାରଙ୍କ ପଦକ୍ଷେପକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ବିରୋଧୀ ମତକୁ ଚାପି ଦେବାପାଇଁ ସରକାର ନିର୍ବାଚନ ବାତିଲ କରିଛନ୍ତି। ଡିଙ୍କିଆରେ ଶିଳ୍ପ ବିରୋଧୀ ଆନ୍ଦୋଳନ ଚାଲିଛି। ୨୦୦୯ ପଞ୍ଚାୟତ ନିର୍ବାଚନ ସମୟରେ ପୋସ୍କୋ ବିରୋଧୀ ଆନ୍ଦୋଳନ ଚାଲିଥିବାରୁ ଭୋଟ ଗ୍ରହଣ ପାଇଁ ଡିଙ୍କିଆ ଗ୍ରାମର ବୁଥ୍ ତ୍ରିଲୋଚନପୁରରେ ଓ ପାଟଣାର ବୁଥ୍ ଗୋବିନ୍ଦପୁର ଗ୍ରାମରେ କରାଯାଇଥିଲା। ଏହି ନିୟମ ଅନୁଯାୟୀ ସରକାର ପଞ୍ଚାୟତ ନିର୍ବାଚନ କରିବାକୁ ସେ ଦାବି କରିଛନ୍ତି ।

## ବିଜେଡିରେ ଅନ୍ୟ ଦଳର କର୍ମୀଙ୍କ ଯୋଗଦାନ

**ତିର୍ତ୍ତୋଲ,୯।୧(ଡି.ଏନ୍.ଏ.)**

ତିର୍ତ୍ତୋଲ ବ୍ଲକ ଅଧୀନ ସାମନ୍ତରାପୁର ପଞ୍ଚାୟତରେ ରବିବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନ୍ୟ ଦଳର ବହୁ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ତରୀୟ ପ୍ରଦାନ କରି ସେମାନଙ୍କୁ ସ୍ୱାଗତ କରିଥିଲେ। ଗତ ପଞ୍ଚାୟତ ନିର୍ବାଚନରେ ବ୍ଲକର ୧ ନଂ. ଜୋନରେ କଂଗ୍ରେସ ଜିଲା ପରିଷଦ ପ୍ରାର୍ଥୀ ମନୋରଞ୍ଜନ ସାମଲ ତାଙ୍କ ସମର୍ଥକଙ୍କ ସହ ବିଜେଡିରେ ସାମିଲ ହୋଇଥିଲେ। ସଭାରେ ସାମନ୍ତରାପୁର ସରପଞ୍ଚ ମନୋଜ ବେହେରା ସଭିପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧରେ ଜିଲାପରିଷଦ ସଭ୍ୟ ସନାତନ ଦଳାଇ, ଗଗନ ବିହାରୀ ପୃଷ୍ଟି, ସୂର୍ଯ୍ୟନାରାୟଣ ବେହେରା, କଳ୍ପନା ସ୍ୱାଇଁ, ମଧୁସ୍ମିତା ବେହେରା ଓ ଶ୍ରୀକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଟେରାକୋଟା ତାଲିମ ଶିବିର



ତାଲିମ ଶିବିରରେ ଯୋଗଦେଇଥିବା ଅତିଥିବୃନ୍ଦ।

**ଆଳି,୯।୧(ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ବାଟିପଡା ପଞ୍ଚାୟତରେ ଏକ ଟେରାକୋଟା ପ୍ରଶିକ୍ଷଣ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି । ଜିଲା ହସ୍ତଶିଳ୍ପ ବିଭାଗ ପକ୍ଷରୁ ପଞ୍ଚାୟତର ମା'ସନ୍ତୋଷୀ ସ୍ୱୟଂ ସହାୟକ ଗୋଷ୍ଠୀର ୧୫ ସଦସ୍ୟା ଏହି ଶିବିରରେ ପ୍ରଶିକ୍ଷଣ ନେଉଛନ୍ତି। ଉକ୍ତ ଶିବିରକୁ ଜିଲା ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକ ଅଜିତ୍ ପ୍ରସାଦ ତରାଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ହସ୍ତଶିଳ୍ପ ବିକାଶ ଅଧିକାରୀ ମୋନାଲିସା ମିଶ୍ର,ଆଳି ବ୍ଲକ ହସ୍ତଶିଳ୍ପ ଅଧିକାରୀ ଦିପ୍ତୀମୟୀ ପ୍ରଧାନ, ରାଜ୍ୟ କୁମ୍ଭକାର ସଂଘର ଆଳି ବ୍ଲକ ସଭାପତି ଜୟରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ ବିଭିନ୍ନ ଯୋଜନାରେ ଆର୍ଥୀକ ସହାୟତା ଯୋଗାଇ ଦେଉଛନ୍ତି। ଏହି ପ୍ରଶିକ୍ଷଣ ନେବା ପରେ ମହିଳାମାନଙ୍କୁ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଆର୍ଥୀକ ସହାୟତା ଯୋଗାଇ ଦିଆଯିବ। ମହିଳାମାନେ ଯାହା କିଛି ଉତ୍ପାଦନ କରିବେ ତାହା ବିକ୍ରିକରି ନିଶ୍ଚିତ ଭାବେ ଲାଭବାନ ହେବେ ବୋଲି ଜିଲା ହସ୍ତଶିଳ୍ପ ଅଧିକାରୀ କହିଛନ୍ତି।

# ମାର୍ଚ୍ଚରେ ଜିଲା ସାମ୍ବାଦିକ ମହାସଂଘ ନିର୍ବାଚନ

**ଜଗତ୍‌ସିଂହପୁର ଅଫିସ, ୯।୧**

ଜିଲା ସାମ୍ବାଦିକ ମହାସଂଘ (ଜେଡ୍‌ଏସ୍‌ଏମ୍), ଜଗତ୍‌ସିଂହପୁରର ନୂତନ କର୍ମକର୍ତ୍ତା ନିର୍ବାଚନ ଆସନ୍ତା ମାର୍ଚ୍ଚରେ ଅନୁଷ୍ଠିତ ହେବ। ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ରଣଜିତ ମହାନ୍ତିଙ୍କୁ ଦାୟିତ୍ୱ ଦିଆଯାଇଛି। ତାଙ୍କୁ ସହଯୋଗ କରିବା ପାଇଁ ମହାସଂଘ ତରଫରୁ ଅକ୍ଷୟ କୁମାର ମହାନ୍ତି ଓ ଆଶୁତୋଷ ବେହେରାଙ୍କୁ ଚୟନ କରାଯାଇଛି। ଏଥିମଧ୍ୟରେ ସଭ୍ୟ ତାଲିକା ଚୂଡାନ୍ତ ନେଇ ଆବେଦନ ତାରିଖ ଶେଷ ହୋଇଛି। ଆସନ୍ତା ୧୪ ସୁଦ୍ଧା ସଭ୍ୟ ତାଲିକା ପ୍ରକାଶ ପାଇବ। ତା'ପରେ ଯେଉଁମାନେ ତାଲିକାରୁ ବାଦ୍ ପଡ଼ିଥିବେ, ସେମାନଙ୍କୁ ପକ୍ଷ ରଖିବା ପାଇଁ ସମୟ ଦିଆଯିବ । ଚୂଡାନ୍ତ ସଭ୍ୟ ଅଥବା ଭୋଟର ତାଲିକା ପ୍ରକାଶ ପାଇବା ପରେ ବିଭିନ୍ନ ପଦବୀ ପାଇଁ ଫର୍ମ କିଣିବା ବାବଦରେ ଟଙ୍କା ଧାର୍ଯ୍ୟ କରାଯିବ। ଫର୍ମ କିଣିବା, ନାମାଙ୍କନପତ୍ର ଦାଖଲ ଓ ପ୍ରତ୍ୟାହାର ପାଇଁ ଦିନ ଧାର୍ଯ୍ୟ ହେବ। ଯାଞ୍ଚ ପରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ନିର୍ବାଚନକୁ ଅବାଧ ଓ ନିରପେକ୍ଷ ରଖିବା ପାଇଁ ସମସ୍ତ ପଦକ୍ଷେପ ନିଆଯିବ ବୋଲି ନିର୍ବାଚନ ଅଧିକାରୀ ମହାନ୍ତି ସୂଚନା ଦେଇଛନ୍ତି। ଏହି ମହାସଂଘ ୨୦୧୯ ଡିସେମ୍ବର ୨୭ ତାରିଖରେ ପଞ୍ଜୀକୃତ ହୋଇଥିଲା । ପ୍ରଥମ ସଭାପତି ଭାବେ ପ୍ରମୋଦ କୁମାର ନାୟକ, ଉପସଭାପତି ସୁନାକର ବେହେରା, ସାଧାରଣ ସମ୍ପାଦକ ମନୋଜ କୁମାର ଦାଶ, କୋଷାଧକ୍ଷ ଭାବେ ଦୁର୍ଯ୍ୟୋଧନ ମହାରଣା, ସଙ୍ଗଠନ ସମ୍ପାଦକ ସରୋଜକାନ୍ତ ସାହୁ, ସହ ସମ୍ପାଦକ ସୋମନାଥ ପରିଡ଼ାଙ୍କ ସମେତ ୯ ଜଣଙ୍କୁ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା । କରୋନା ମହାମାରୀ ଯୋଗୁ ଗତବର୍ଷ ନିର୍ବାଚନ କରା ନ ଯାଇ ପୂର୍ବ କମିଟିକୁ କାର୍ଯ୍ୟକ୍ଷମ କରାଯାଇଥିଲା ।

## ଘର କବାଟ ଭାଙ୍ଗି ଟଙ୍କା, ସୁନାଗହଣା ଚୋରି

**ରଘୁନାଥପୁର,୯।୧(ଡି.ଏନ୍.ଏ.)**

ରଘୁନାଥପୁର ଥାନା ରେଢୁଆ ଗଡ଼୍ଡାପୁର ଗ୍ରାମର ବାସନ୍ତୀ ପାତ୍ରଙ୍କ ଘରୁ ଶନିବାର ରାତିରେ ୫୦ ହଜାର ଟଙ୍କା, ସୁନା ଗହଣା ଓ ଅନ୍ୟାନ୍ୟ ଆସବାବପତ୍ର ଚୋରି ହୋଇଥିବା ଅଭିଯୋଗ ହୋଇଛି। ପରିବାର ଲୋକେ ଘରେ ନ ଥିବା ବେଳେ ଦୁର୍ବୃତ୍ତ ଘର କବାଟ ଭାଙ୍ଗି ଚୋରି କରିନେଇଛନ୍ତି ବୋଲି ବାସନ୍ତୀ ଥାନାରେ ଅଭିଯୋଗ କରିଛନ୍ତି। ଝିଅ ବାହାଘର ପାଇଁ ଟଙ୍କା ଓ ଅଳଙ୍କାର ଏକ ଟ୍ରଙ୍କରେ ରଖାଯାଇଥିଲା ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ. ୩/୨୨) ରୁଜୁ କରି ସନ୍ଧାନୀ କୁକୁର ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛି।

# ବିରୋଧ ପରେ ପୁନର୍ବାର ବୈଠକ ନିଷ୍ପତ୍ତି


ନୂଆଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଓ ଅନ୍ୟମାନେ ବୈଠକ କରୁଛନ୍ତି।

**କୁଜଙ୍ଗ,୯।୧ (ଡି.ଏନ୍.ଏ.)**

**ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ପ୍ରସଙ୍ଗ**

ଜଗତ୍‌ସିଂହପୁର ଜିଲା ଏରସମା ତହସିଲ ଅନ୍ତର୍ଗତ ଡିଙ୍କିଆ ଚାରିଦେଶରେ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ପାଇଁ ନୂଆଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନୂଆଗାଁ ସରପଞ୍ଚ ବିଦ୍ୟାଧର ମଲ୍ଲିକଙ୍କ ପକ୍ଷରୁ ଆୟୋଜିତ ଏହି ବୈଠକରେ ୭ ଜଙ୍ଗଲ କମିଟିର କର୍ମକର୍ତ୍ତା ଓ ଗ୍ରାମ ମୁରବୀମାନେ ଯୋଗଦେଇଥିଲେ। ପ୍ରକଳ୍ପ ପାଇଁ ଲୋକଙ୍କ ଅଭିଯୋଗ ଶୁଣା ନ ଯାଇ କମ୍ପାନୀ ପକ୍ଷରୁ ପ୍ୟାକେଜ ଘୋଷଣା କରାଯାଇଥିବାରୁ ଏହାକୁ ବିରୋଧ କରାଯାଇଥିଲା। ସୂଚନାଯୋଗ୍ୟ, କମ୍ପାନୀ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପାନ ବରଜ ଡିସିମିଲ ପିଛା ୧୭ହଜାର ୫୦୦ ଟଙ୍କା ଓ ୨ ବର୍ଷର ଶ୍ରମିକ ଭତ୍ତା ଦେବାକୁ ଘୋଷଣା କରାଯାଇଛି। ବୈଠକରେ ୨ ଗୋଷ୍ଠୀ ଏହାକୁ ବିରୋଧ କରିଥିବା ବେଳେ ଅନ୍ୟ ୫ ଗୋଷ୍ଠୀ କୌଣସି ନିଷ୍ପତ୍ତି ନେଇ ନ ଥିଲେ। ଏନେଇ ପୁନର୍ବାର ବୁଧବାର ବୈଠକ କରାଯିବ ବୋଲି ସରପଞ୍ଚ ମଲ୍ଲିକ କହିଛନ୍ତି। ତେବେ ନୂଆଗାଁର କିଛି ଲୋକ ଏହି ପ୍ରକଳ୍ପକୁ ବିରୋଧ କରି ସିଦ୍ଧ ଗୁମ୍ଫାଠାରେ ଏକତ୍ରିତ ହୋଇ ବୈଠକ କରିଥିବା ସୂଚନା ମିଳିଛି। ଅପରପକ୍ଷେ ରବିବାର ପାନବରଜ ଅଧିଗ୍ରହଣ ବନ୍ଦ ରହିଥିବା ବେଳେ ପୋଲିସ ଓ ବିରୋଧୀଙ୍କ ମଧ୍ୟରେ ଛକାପଞ୍ଝା ଜାରି ରହିଛି । ପୋଲିସକୁ ଆକ୍ରମଣ ଘଟଣାରେ ଡିଙ୍କିଆର ରାଜେଶ ଓଝାଙ୍କୁ ହେପାଜତକୁ ନେଇ ପଚରାଉଚୁରା କରାଯାଉଛି ବୋଲି ଅଭୟଚାନ୍ଦପୁର ଥାନା ଅଧିକାରୀ ଜୀବନାନନ୍ଦ ଜେନା କହିଛନ୍ତି।

# ସ୍ମାର୍ଟ ଶ୍ରେଣୀ ଗୃହ ପାଇଁ ଭଲ କାନ୍ଥରୁ ପ୍ଲାଷ୍ଟର ଛଡ଼ାଗଲା

**ଜଗତ୍‌ସିଂହପୁର ଅଫିସ, ୯।୧**

**ନରେନ୍ଦ୍ରନାଥ ନୋଡାଲ ଉଚ୍ଚ ବିଦ୍ୟାଳୟ**
■ ପ୍ରଧାନ ଶିକ୍ଷକ ଓ ବିଭାଗୀୟ କର୍ମଚାରୀଙ୍କ ଅନୁପସ୍ଥିତିରେ କାମକୁ ବିରୋଧ
■ ଆନ୍ଦୋଳନ ପାଇଁ ଚେତାବନୀ
■ ରୂପାନ୍ତରଣ କାମ ପାଇଁ ୧୫ ଲକ୍ଷ ଟଙ୍କା ଆସିଛି

ଜଗତ୍‌ସିଂହପୁର ବ୍ଲକ ପୁନଙ୍ଗସ୍ଥିତ ନରେନ୍ଦ୍ରନାଥ ନୋଡାଲ ଉଚ୍ଚ ବିଦ୍ୟାଳୟକୁ ୫-ଟି ଯୋଜନାରେ ସାମିଲ କରାଯାଇ ସ୍ମାର୍ଟ ଶ୍ରେଣୀ ଗୃହ ଉନ୍ନତୀକରଣ ପାଇଁ ପଦକ୍ଷେପ ନିଆଯାଉଛି। ଏହି କାମ ବାବଦରେ ମୋ ସ୍କୁଲ ଅଭିଯାନ ତରଫରୁ ଜିଲାପାଳ ପାରୁଲ ପଟାୱାରୀଙ୍କୁ ଅବଗତ କରାଯାଇଥିଲା। ଏହି କାମ ସ୍କୁଲ ପରିଚାଳନା କମିଟି (ଏସ୍‌ଏମ୍‌ସି) ପରିବର୍ତ୍ତେ ଜଗତ୍‌ସିଂହପୁର ବିଡିଓଙ୍କ ତତ୍ତ୍ୱାବଧାନରେ ହେବା ନେଇ ଜିଲାପାଳ କହିଥିଲେ। ରବିବାର ସ୍କୁଲ ଛୁଟି ସତ୍ତ୍ୱେ ଏହି ବିଦ୍ୟାଳୟର ଭଲ କାନ୍ଥରୁ ପ୍ଲାଷ୍ଟର ଛଡ଼ାଯାଇଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ, କର୍ତ୍ତୃପକ୍ଷ କିମ୍ବା ବ୍ଲକର ବିଭାଗୀୟ କର୍ମଚାରୀଙ୍କ ଅନୁପସ୍ଥିତିରେ ଏହି କାର୍ଯ୍ୟ ହୋଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଡିଓ ସାଗର ନନ୍ଦ ଅର୍ଥ ଲୁଟିବା ଉଦ୍ଦେଶ୍ୟରେ ଏକ ନିର୍ଦ୍ଦିଷ୍ଟ ଠିକାଦାରଙ୍କୁ ଏହି କାମ ଦେଇଥିବା ନେଇ ମୋ ସ୍କୁଲ ଅଭିଯାନର ଏକାଧିକ ସଦସ୍ୟ ଗଣମାଧ୍ୟମ ପାଖରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଅଭିଯାନର ସଦସ୍ୟ ସାରଦା ପ୍ରସାଦ ରଣା, ରଜନୀକାନ୍ତ ଚୌଧୁରୀ, ବଦ୍ରି ମହାନ୍ତି, ତ୍ରିଲୋଚନା ବେହେରା, ଲକ୍ଷ୍ମୀ ନାରାୟଣ ମିଶ୍ର, ସୁଧୀର ସିହ୍ନା ଓ ଦେବେନ୍ଦ୍ର ବେହେରା ପ୍ରମୁଖ କହିଛନ୍ତି, ବିଦ୍ୟାଳୟ ରୂପାନ୍ତରଣ କାମ ବାବଦରେ ୧୫ ଲକ୍ଷ ଟଙ୍କା ଆସିଛି। ନିୟମ ଅନୁସାରେ, ଏହି କାମ ତଦାରଖ କରିବା ପାଇଁ ୭ ଜଣିଆ କମିଟି ଗଠନ ହେବା କଥା। ଏହି କମିଟି ଯାହାଙ୍କ ନାମ ସୁପାରିସ କରିବେ ତାଙ୍କ ନାମରେ କାର୍ଯ୍ୟାଦେଶ ଦିଆଯିବା ଉଚିତ୍। କିନ୍ତୁ ବିଡିଓ ଏକତରଫା ନିଷ୍ପତ୍ତି ନେଇଛନ୍ତି। ବାସ୍ତବରେ କାମ କିଏ କରୁଛନ୍ତି ଜାଣିବା ପାଇଁ ସେମାନେ ବିଡିଓଙ୍କ ସହ ମୋବାଇଲ ଯୋଗେ ଯୋଗାଯୋଗ ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ବିଡିଓ ଫୋନ ଉଠାଇ ନ ଥିଲେ। ତା'ପରେ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ସେ ଏ ବିଷୟରେ କିଛି ଜାଣି ନ ଥିବା କହିଥିଲେ। ଫଳରେ କାହା ନିର୍ଦ୍ଦେଶରେ ବିଦ୍ୟାଳୟ ନୂଆ ଘର କାନ୍ଥରୁ ପ୍ଲାଷ୍ଟର ଛଡାଗଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି। ଏହାର ସମାଧାନ ନ ହେଲେ ଆଗାମୀ ଦିନରେ ବିଦ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ମୋ ସ୍କୁଲ ଅଭିଯାନ ସଦସ୍ୟମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ସାଗର ନନ୍ଦଙ୍କୁ ତାଙ୍କ ମୋବାଇଲରେ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ସେ ଉଠାଇ ନ ଥିଲେ।




## ମାସ୍କ, ହେଲମେଟ୍ ଚେକିଂ ଜୋରଦାର୍ ଯାତ୍ରାରେ କୋଭିଡ୍ ନିୟମ ଉଲ୍ଲଂଘନ

**କୁଜଙ୍ଗ,୯।୧(ଡି.ଏନ୍.ଏ.)**

ଓମିକ୍ରନ ସଂକ୍ରମଣକୁ ଦୃଷ୍ଟିରେ ରଖି କୁଜଙ୍ଗରେ ପ୍ରଶାସନ ତରଫରୁ ମାସ୍କ ଓ ହେଲମେଟ୍ ଚେକିଂ ଜୋରଦାର କରାଯାଇଛି। କୁଜଙ୍ଗ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ରଙ୍କ ନେତୃତ୍ୱରେ ରବିବାର ପୋଲିସ ଓ ପ୍ରଶାସନ ତରଫରୁ କୁଜଙ୍ଗ ବଜାର ଓ ରାହାମା ବଜାରରେ ମାସ୍କ ଓ ହେଲମେଟ୍ ଚେକିଂ କରାଯାଇ ୧୨ହଜାର୧ଶହ ଟଙ୍କା ଆଦାୟ କରାଯାଇଛି। ଅପରପକ୍ଷେ କୁଜଙ୍ଗ ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମରେ ଯାତ୍ରା ଚାଲିଥିବାବେଳେ ସେଠାରେ ଅଧିକ ଭିଡ ହେଉଛି। ମାତ୍ର ଏନେଇ ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ତହସିଲଦାର ମିଶ୍ର କହିଛନ୍ତି, ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଯାତ୍ରା ପରିବେଷଣ ପାଇଁ ଅନୁମତି ଦିଆଯାଇଛି। ଯଦି ସେଠାରେ କୋଭିଡ୍ ଆଇନ ଉଲ୍ଲଂଘନ ହେଉଥାଏ ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ସଂକ୍ଷେପରେ

### ସରକାରୀ କ୍ୱାର୍ଟର୍ସ ଉଦ୍‌ଘାଟିତ

**ଖଣ୍ଡପଡ଼ା,୯।୧(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ସରକାରୀ କର୍ମଚାରୀମାନଙ୍କ ନିମନ୍ତେ ନୂତନ ବାସଭବନ ନିର୍ମାଣ କରାଯାଇଥିଲା। ଶନିବାର ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ପ୍ରଧାନ ମୁଖ୍ୟଅତିଥି ରୂପେ ଯୋଗଦେଇ ସେହି ଗୃହକୁ ଉଦ୍‌ଘାଟନ କରିଛନ୍ତି। ପଞ୍ଚାୟତ ସମିତି ଅନୁଦାନ ଅର୍ଥ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏହି ବାସଭବନ ନିର୍ମାଣ କରାଯାଇଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି। ଉଦ୍‌ଘାଟନୀ ଉତ୍ସବରେ ଖଣ୍ଡପଡ଼ା ବିଡିଓ ଅରୁଣିମା ସାହୁ, ସହକାରୀ ଯନ୍ତ୍ରୀ ନକୁଳ ରାଉତଙ୍କ ସମେତ ବ୍ଲକ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### କଂଗ୍ରେସର ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ

**ଓଡ଼ଗାଁ,୯।୧(ସ୍ୱ.ପ୍ର.):** ନୟାଗଡ଼ ନିର୍ବାଚନ ମଣ୍ଡଳୀ ତଥା ଓଡ଼ଗାଁ ବ୍ଲକ ଅଧୀନ କୁରାଳ ପଞ୍ଚାୟତରୁ ବ୍ଲକ କଂଗ୍ରେସ କମିଟି ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରିଛି। କୁରାଳ ନିକଟସ୍ଥ ବାଗ୍‌ଦେବୀ ପୀଠରେ ବ୍ଲକ କଂଗ୍ରେସ କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ କମିଟି ସଭାପତି ରଣଜିତ୍ ଦାଶଙ୍କ ସହିତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ହେଲେ କୁରାଳ ପଞ୍ଚାୟତ କଂଗ୍ରେସ କମିଟି ଗଠନ କରାଯାଇଥିବା ବେଳେ କୃଷ୍ଣଚନ୍ଦ୍ର ସାହୁ ସଭାପତି, ବୀରେନ୍ଦ୍ର କୁମାର ପ୍ରଧାନ ଉପସଭାପତି,ଗଣପତି ପଲେଇ ସମ୍ପାଦକ ଓ ପୂର୍ଣ୍ଣଚନ୍ଦ୍ର ପ୍ରଧାନ କୋଷାଧକ୍ଷ ଭାବେ ମନୋନୀତ ହୋଇଛନ୍ତି।

### ଭାଜପା ପକ୍ଷରୁ ପ୍ରଶିକ୍ଷଣ ଶିବିର

**ଖଣ୍ଡପଡା,୯।୧(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳୀପୁର ଗ୍ରାମର ଶ୍ରୀସୋମନାଥ ଦେବଙ୍କ କଲ୍ୟାଣ ମଣ୍ଡପ ପରିସରରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ପ୍ରଶିକ୍ଷଣ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ନୟାଗଡ଼ ଜିଲା ପ୍ରଭାରୀ ନିରଞ୍ଜନ ମିଶ୍ର ଉପସ୍ଥିତ ରହି ଦଳର କର୍ମକର୍ତ୍ତା, ମଣ୍ଡଳ ସଭାପତି ଓ ସଙ୍ଗଠକମାନଙ୍କୁ ସୂଚନା ଦେବା ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ନୟାଗଡ଼ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଇଂ. ଅର୍ଚ୍ଚନା ଦାଶ ସଂଯୋଜନା କରିଥିଲେ।

### ନାବାଳିକାଙ୍କୁ ଅପହରଣ ଅଭିଯୋଗ

**ନୟାଗଡ଼ ଅଫିସ,୯।୧:** ଶରଣକୁଳ ଥାନା ମଗରବନ୍ଧ ଅଞ୍ଚଳର ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ଅପହରଣ କରାଯାଇଛି। ଏନେଇ ଶନିବାର ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୪/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ନାବାଳିକା ଜଣକ ନୟାଗଡ଼ କଲେଜକୁ ଆସି ଆଉ ଘରକୁ ଫେରି ନ ଥିଲେ। ତାଙ୍କୁ ବହୁ ଖୋଜାଖୋଜି କରାଯାଇଥିଲା। ହେଲେ ତାଙ୍କର କୌଣସି ପତ୍ତା ନ ମିଳିବାରୁ ଥାନାରେ ଅଭିଯୋଗ କରାଯାଇଛି।

### ଜିଲା ପରିଷଦ ସଭାପତି ପାଇଁ ଆଶାୟୀ ଅଧିକ

**ନୟାଗଡ଼ ଅଫିସ,୯।୧:** ନୟାଗଡ଼ ଜିଲା ପରିଷଦର ସଭାପତି ପଦ ଅଣସଂରକ୍ଷିତ ରହିଛି। ଏହାର ଚୂଡ଼ାନ୍ତ ସଂରକ୍ଷଣ ତାଲିକା ଶନିବାର ପ୍ରକାଶ ପାଇବା ପରେ ଆଶାୟୀମାନେ ନିର୍ବାଚନ ମଇଦାନକୁ ଓହ୍ଲାଇବାକୁ ପ୍ରସ୍ତୁତ ହେଉଛନ୍ତି। ଏଥର ପ୍ରାର୍ଥୀଙ୍କ ସଂଖ୍ୟା ଅଧିକ ହେବାକୁ ଥିବାରୁ ଲଢ଼େଇ ଜୋର୍‌ଦାର ହେବ ବୋଲି ଚର୍ଚ୍ଚା ଜୋର୍ ଧରିଛି।

# ଭାଗବତ ଟୁଙ୍ଗିରେ ୪୫ବର୍ଷର ଆୟୁର୍ବେଦିକ ଚିକିତ୍ସାଳୟ

- ନୂତନ ଗୃହ କାର୍ଯ୍ୟକ୍ଷମ ହେଉନାହିଁ
- ୮ମାସ ହେଲା କାମ ସରିଛି
- ପାନୀୟ ଜଳ, ବିଦ୍ୟୁତ୍ ବ୍ୟବସ୍ଥା ନାହିଁ

**ଖଣ୍ଡପଡ଼ା,୯।୧(ସ୍ୱ.ପ୍ର.)**

ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲକ୍ଷ୍ୟରେ ରାଜ୍ୟ ସରକାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ ଡ଼ାକ୍ତରମାନଙ୍କୁ ନିଯୁକ୍ତି ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଖଣ୍ଡପଡ଼ା ବ୍ଲକ ସିଧାମୂଳା ପଞ୍ଚାୟତ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଆୟୁର୍ବେଦିକ ଡ଼ାକ୍ତରଙ୍କୁ ନିଯୁକ୍ତି ଦେଇଥିଲେ। ହେଲେ ଏତିକିରେ ଉକ୍ତ ଡାକ୍ତରଖାନା ସମସ୍ୟାର ସମାଧାନ ହୋଇନାହିଁ। ଫଳରେ ସ୍ଥାନୀୟ ଲୋକମାନେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇ ପାରୁ ନ ଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଗ୍ରାମରେ ଡ଼ାକ୍ତରଖାନା ପାଇଁ ନୂତନ ଗୃହ ନିର୍ମାଣ ହୋଇଛି। ହେଲେ ବିଦ୍ୟୁତ୍ ଓ ପାନୀୟ ଜଳର ବ୍ୟବସ୍ଥା ହୋଇ ନ ଥିବାରୁ ଅସନ୍ତୋଷ ବଢ଼ି ଚାଲିଛି। ଫଳରେ ସିଧାମୂଳାର ଏକ ଭାଗବତ ଟୁଙ୍ଗିରେ ଦୀର୍ଘ ୪୫ ବର୍ଷ ହେଲା ଉକ୍ତ ଡାକ୍ତରଖାନା ଚାଲିଛି।



ଭାଗବତ ଟୁଙ୍ଗୀରେ ଚାଲିଥିବା ଆୟୁର୍ବେଦିକ ଚିକିତ୍ସାଳୟ।


ନବ ନିର୍ମିତ କୋଠା।

ସୂଚନା ଅନୁଯାୟୀ, ସ୍ଥାନୀୟ ଲୋକଙ୍କ ଦାବି ଫଳରେ ୧୯୭୬ରେ ଉକ୍ତ ପଞ୍ଚାୟତରେ ଏକ ଆୟୁର୍ବେଦିକ ଡାକ୍ତରଖାନା ପ୍ରତିଷ୍ଠା କରାଯିବାର ନିଷ୍ପତ୍ତି ହୋଇଥିଲା। ଏହାକୁ ଆଖି ଆଗରେ ରଖି ଜଣେ ଡ଼ାକ୍ତରଙ୍କୁ ନିଯୁକ୍ତି ଦିଆଯାଇଥିଲା। ଆବଶ୍ୟକ ଘର ନିର୍ମାଣ ହୋଇ ନ ଥିବାରୁ ଗ୍ରାମର ଏକ ଟୁଙ୍ଗି ଘରେ ଡାକ୍ତରଖାନା ଆରମ୍ଭ ହୋଇଥିଲା। ତେବେ ଦୀର୍ଘ ବର୍ଷର ବ୍ୟବଧାନ ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତତ୍ତ୍ୱାବଧାନରେ ପ୍ରାୟ ୩୦ ଲକ୍ଷ ଟଙ୍କା ବ୍ୟୟରେ ନୂତନ ଗୃହ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଛି। ହେଲେ ଜଳ ଯୋଗାଣ, ବିଦ୍ୟୁତ ସଂଯୋଗ ହୋଇ ନ ଥିବାରୁ ଏହାକୁ ବିଭାଗକୁ ହସ୍ତାନ୍ତର କରାଯାଇ ପାରୁ ନ ଥିବା ସହକାରୀ ଯନ୍ତ୍ରୀ ଇଂ. ସନ୍ଦୀପ କୁମାର ଛୁଆଳସିଂହ କହିଛନ୍ତି। ଆସନ୍ତା ଏକ ମାସ ମଧରେ ସମସ୍ତ କାର୍ଯ୍ୟ ଶେଷ କରାଯାଇ ହସ୍ତାନ୍ତର କରାଯିବ ବୋଲି ସେ ଗତ ୫ମାସ ପୂର୍ବେ ଏହି ସୂଚନା ଦେଇଥିଲେ। ହେଲେ ଆଜି ସୁଦ୍ଧା ସେହି କାମ ସରିନାହିଁ। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ଛୁଆଳସିଂଙ୍କ ସହ ପୁଣିଥରେ ଯୋଗାଯୋଗ କରାଯାଇଥିଲା। ବିଭାଗୀୟ କାମ ୮ମାସ ହେଲା ସରିଛି। ହେଲେ ବିଦ୍ୟୁତ୍ ଓ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ବିଭାଗ ଦ୍ୱାରା ହୋଇ ନ ଥିବାରୁ ସମସ୍ୟା ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି।

### କୁକୁର ଆକ୍ରମଣରେ କୁଟୁରା ମୃତ


ଆହତ କୁଟୁରାକୁ ବନ କର୍ମଚାରୀମାନେ ଡାକ୍ତରଖାନା ନେଉଛନ୍ତି।

**ନୟାଗଡ଼ ଅଫିସ,୯।୧**

ଶରଣକୁଳ ଗୋଡିସାହି ଗ୍ରାମ ନିକଟରେ କୁକୁରଙ୍କ ମିଳିତ ଆକ୍ରମଣରେ ଏକ କୁଟୁରାର ମୃତ୍ୟୁ ଘଟିଛି। ଖାଦ୍ୟ ଅନ୍ୱେଷଣରେ ସହରକୁ ପଶି ଆସିଥିବା ଏହି କୁଟୁରାକୁ କୁକୁରମାନେ ରବିବାର ଆକ୍ରମଣ କରିଥିଲେ। ଏ ସଂକ୍ରାନ୍ତରେ ଖବର ପାଇ ପଞ୍ଚରିଡା ବନବିଭାଗ କର୍ମଚାରୀମାନେ ଆହତ କୁଟୁରାକୁ ଉଦ୍ଧାର କରି ସ୍ଥାନୀୟ ପଶୁ ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। ହେଲେ କୁଟୁରାଟି ଚିକିତ୍ସା ଆରମ୍ଭର କିଛି ସମୟ ପରେ ପ୍ରାଣ ହରାଇଥିଲା। ବନ ବିଭାଗ ପକ୍ଷରୁ କୁଟୁରା ମୃତଦେହକୁ ପୋତି ଦିଆଯାଇଛି।

# ‘ନିଜକୁ ମୁରବି ଭାବି ଜଙ୍ଗଲ ସୁରକ୍ଷା କର’


ଜଙ୍ଗଲ ଅଧିକାର କର୍ମଶାଳାରେ ଯୋଗ ଦେଇଥିବା ଅତିଥିଗଣ।

- ବ୍ଲକ୍‌ସ୍ତରୀୟ ଜଙ୍ଗଲ ଅଧିକାର କର୍ମଶାଳା
- କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗ

**ନୂଆଗାଁ,୯।୧(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସଭାଗୃହରେ ରବିବାର ବ୍ଲକସ୍ତରୀୟ ଜଙ୍ଗଲ ଅଧିକାର ସ୍ୱୀକୃତିନାମା ବଣ୍ଟନ ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।

ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ସରକାର ଅନେକ କୋଟି ଟଙ୍କା ବ୍ୟୟ କରୁଥିଲେ ମଧ୍ୟ ସେଥିରେ ସଫଳତା ମିଳୁନାହିଁ। ତେଣୁ ଜଙ୍ଗଲର ସୁରକ୍ଷା ଦାୟିତ୍ୱ ନିକଟସ୍ଥ ଗ୍ରାମବାସୀଙ୍କୁ ଦେଲେ ଜଙ୍ଗଲ ନିଆଁଦାଉରୁ ରକ୍ଷା ପାଇବା ସହ ବନ୍ୟଜନ୍ତୁ ସୁରକ୍ଷିତ ରହିପାରିବେ ବୋଲି ଆଶା କରାଯାଇଛି। ଏହି ପରିପ୍ରେକ୍ଷୀରେ ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ-୨୦୦୬ ଓ ସଂଶୋଧନ ନିୟମାବଳୀ-୨୦୧୨ ସମ୍ବନ୍ଧୀୟ ନୂଆଗାଁ ବ୍ଲକସ୍ତରୀୟ ସ୍ୱୀକୃତିନାମା ବଣ୍ଟନ ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମବାସୀ ନିଜକୁ ଜଙ୍ଗଲର ମୁରବି ଭାବନ୍ତୁ ଓ ଜଙ୍ଗଲକୁ ସୁରକ୍ଷା ଦିଅନ୍ତୁ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକ, ବସୁନ୍ଧରା ଭୁବନେଶ୍ୱରର ନିର୍ବାହୀ ନିର୍ଦ୍ଦେଶକ ୱାଇ. ଗିରି ରାଓ, ପ୍ରୋଗ୍ରାମ ଅଫିସର ସୁଶାନ୍ତ କୁମାର ଦଳେଇ, ଜିଲା ସଂଯୋଜକ ଅଶୋକ କୁମାର ପରିଡ଼ା, ଜିଲା ମଙ୍ଗଳ ଅଧିକାରୀ ଦୟାନିଧି ନାୟକଙ୍କ ସମେତ ବହୁ କର୍ମଚାରୀ ଓ ବିଭିନ୍ନ ଗ୍ରାମରୁ ଆସିଥିବା ଜନସାଧାରଣ ଉପସ୍ଥିତ ଥିଲେ। ଏହି ଅବସରରେ ୧୨ ଗ୍ରାମର ଲୋକଙ୍କୁ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ଶିରୋନାମା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଲୋକଙ୍କ ଭିଡ଼ ଜମିଥିଲା। ଫଳରେ ଦାୟିତ୍ୱରେ ଥିବା ଅଧିକାରୀମାନେ କୋଭିଡ୍ କଟକଣାକୁ ଅବମାନନା କରୁଥିବା ଦେଖିବାକୁ ମିଳିଥିଲା। ଏ ସଂକ୍ରାନ୍ତରେ ନୂଆଗାଁ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ମଳୟ ରଞ୍ଜନ ଚିନିରା କହିଛନ୍ତି, ଏପରି ଏକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସରକାରଙ୍କ ନିର୍ଦ୍ଦେଶ ଥିଲା। ଆମେ ଏତେସଂଖ୍ୟକ ଲୋକଙ୍କୁ ଡାକି ନ ଥିଲୁ। ଧୀରେ ଧୀରେ ଲୋକଙ୍କ ସଂଖ୍ୟା ବଢ଼ିଥିଲା ବୋଲି ସେ ସଫେଇ ଦେଇଥିଲେ।

# ଜବରଦଖଲ ଉଚ୍ଛେଦକୁ କଂଗ୍ରେସର ବିରୋଧ

**ଓଡ଼ଗାଁ,୯।୧(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ଏନ୍‌ଏସି ଅଧୀନ ଜାରିଙ୍ଗି ମୌଜାରେ ପ୍ରଶାସନର ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାକୁ ଜିଲା କଂଗ୍ରେସ ନାପସନ୍ଦ କରିଛି। ଏପରି କି ସେମାନଙ୍କ ପାଇଁ ଆଇନଗତ ସହାୟତା କରିବାକୁ ଆଗେଇ ଆସିଥିବା କଥା ଜିଲା କଂଗ୍ରେସ କମିଟି ସଭାପତି ରଣଜିତ୍ ଦାଶ ଏକ ପ୍ରେସ୍‌ବାର୍ତ୍ତାରେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ସ୍ଥାନୀୟ ଏନ୍‌ଏସିରେ ସହରୀକରଣ ପରେ କେତେଜଣ ବ୍ୟକ୍ତି ଜାରିଙ୍ଗି ଅଞ୍ଚଳରେ ବେଆଇନ ଭାବେ ଦଲାଲଙ୍କ ମାଧ୍ୟମରେ ସରକାରୀ ଜାଗାକୁ କିଣିଥିଲେ। ଏହାପରେ ସେମାନେ ସେହି ଜାଗାକୁ ଜବରଦଖଲ କରି ରହିଥିଲେ। ହେଲେ ପ୍ରଶାସନ ସହରୀ ଆବାସ ଯୋଜନା ଅଧୀନ ଯୋଗ୍ୟ ହିତାଧିକାରୀଙ୍କୁ ସ୍ମାର୍ଟ କଲୋନୀ ଜରିଆରେ ଆବାସ ଯୋଗାଇ ଦେବାକୁ ଦୁଇ ଦଫାରେ ପ୍ରଶାସନ ତରଫରୁ ଅଯୋଗ୍ୟ ଜବରଦଖଲକାରୀଙ୍କୁ ବେଦଖଲ କରାଯାଇଥିଲା। ହେଲେ ଜିଲା କଂଗ୍ରେସ ବେଦଖଲ ହୋଇଥିବା ଲୋକମାନଙ୍କୁ ସମବେଦନା ଜଣାଇବାକୁ ଯାଇ ସେମାନଙ୍କ ସହିତ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସୂଚନା ଦେଇଛି।

### ନଦୀପଠାରୁ ଶାଳ, ଶାଗୁଆନ କାଠ ଜବତ


ଜବତ କାଠ।

**ନୟାଗଡ଼ ଅଫିସ,୯।୧**

ପଞ୍ଚରିଡା ରେଞ୍ଜ ଗୋଡିପଡ଼ା ଫରେଷ୍ଟର ଡିମିସର ଦୁଆଣ୍ଟ ନଦୀ ପଠାରୁ ୪୨ ସିଫ୍ଟ ଶାଳ କାଠଗଣ୍ଡି, ୨୫ ସିଫ୍ଟ ଶାଳ କାଠ ସାଇଜ ଓ ୩ ସିଫ୍ଟ ଶାଗୁଆନ କାଠ ଜବତ କରାଯାଇଛି। ଜବତ କାଠ ଅନାବନା ଗଛ ଆଢୁଆଳରେ ଲୁଚାଇ ରଖାଯାଇଥିଲା। ଚୋରା କାଠ ବେପାରୀମାନେ ରାତିରେ କାଠଗୁଡ଼ିକୁ ବିଭିନ୍ନ ସ୍ଥାନକୁ ପଠାଇବା ପାଇଁ ଲୁଚାଇ ରଖିଥିବା ବନ ବିଭାଗ କହିଛି।

# ହିତାଧିକାରୀଙ୍କୁ ଦୁଧିଆଳୀ ଗାଈ ପ୍ରଦାନ

**ଓଡ଼ଗାଁ,୯।୧(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଗିରିଡ଼ିପଲ୍ଲୀ ଗ୍ରାମ ପଞ୍ଚାୟତ ଅଧୀନ କେତେକ ହିତାଧିକାରୀଙ୍କୁ ଆତ୍ମନିର୍ଭରଶୀଳ କରିବା ଉଦ୍ଦେଶ୍ୟରେ ବୃଷ୍ଟିପୁଷ୍ଟ ଅଞ୍ଚଳ ଉନ୍ନୟନ ଯୋଜନା ମାଧ୍ୟମରେ ଦୁଧିଆଳୀ ଗାଈ ପ୍ରଦାନ କରାଯାଇଛି। ପ୍ରକଳ୍ପ ନିର୍ଦ୍ଦେଶାଳୟ ଜଳ ବିଭାଜିକା ଓ ମୃତ୍ତିକା ସଂରକ୍ଷଣ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ପ୍ରାଣୀ ଚିକିତ୍ସା କେନ୍ଦ୍ରଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୦ ଜଣ ହିତାଧିକାରୀଙ୍କୁ ଦୁଧିଆଳୀ ଗାଈ ସହିତ ବାଛୁରି ପ୍ରଦାନ କରାଯାଇଛି। ଏହି କ୍ରମରେ ପ୍ରତ୍ୟେକ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ୪୦ ହଜାର ଟଙ୍କା ଲେଖାଁଏ ପ୍ରଦାନ କରାଯାଇଛି। ସେହି ଅର୍ଥ ଗାଈ ବାଛୁରି କିଣିବା, ବର୍ଷକ ନିମନ୍ତେ ବୀମା ଓ ପରିବହନ ବାବଦକୁ ବିନିଯୋଗ କରାଯାଇଛି। ଏଥିରେ ଜିଲା ପରିଷଦ ସଦସ୍ୟ ଲୋକନାଥ ସାହୁ ମୁଖ୍ୟଅତିଥି, ବିଭାଗୀୟ ପ୍ରକଳ୍ପ ନିର୍ଦ୍ଦେଶକ ସୁଧାକର ଶତପଥୀ, ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡ. ସତ୍ୟନାରାୟଣ ପଣ୍ଡା, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ମଧୁସ୍ମିତା ବେହେରା, ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡ. ପ୍ରତାପ ପ୍ରଧାନ, ଡ. ସୌରଭ କୁମାର ହୋତା, ମୃତ୍ତିକା ସଂରକ୍ଷଣ ଯନ୍ତ୍ରୀ ମିହିର ଚରଣ ପାତ୍ର ଉପସ୍ଥିତ ଥିଲେ। ସମସ୍ତ ଗାଈ ବାଛୁରିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଉପକରଣ ହିତାଧିକାରୀଙ୍କୁ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଗିରିଡ଼ିପଲ୍ଲୀ ଗ୍ରାମର ୬୦ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନା ନିମନ୍ତେ ଚିହ୍ନଟ କରାଯାଇଥିବା ବେଳେ ପ୍ରଥମ ଦଫାରେ ୧୦ ଜଣଙ୍କୁ ଏଥିରେ ସାମିଲ କରାଯାଇଛି।



ହିତାଧିକାରୀଙ୍କୁ ଗାଈ ପ୍ରଦାନ କରାଯାଉଛି।

### ଦଶପଲ୍ଲାରେ କରୋନା ରୋଗୀଙ୍କ ସଂଖ୍ୟା ବଢ଼ୁଛି

**ଦଶପଲ୍ଲା,୯।୧(ଡି.ଏନ.ଏ.)**

ଚଳିତ ବର୍ଷ ପ୍ରଥମ ସପ୍ତାହ ଶେଷ ବେଳକୁ ନୟାଗଡ଼ ଜିଲା ଏବଂ ଦଶପଲ୍ଲା ବ୍ଲକ୍‌ରେ କରୋନା ପ୍ରବେଶ କରିସାରିଛି। ସରକାରୀ ରିପୋର୍ଟ ଅନୁଯାୟୀ ରବିବାର ସନ୍ଧ୍ୟା ସୁଦ୍ଧା ଦଶପଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୭ରେ ପହଞ୍ଚିଛି। ଏହି ରୋଗୀମାନେ ଓମିକ୍ରନରେ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି। ତଥାପି ସାଧାରଣରେ ଭୟରେ ତୁଟିନି। ଏସବୁ ସତ୍ତ୍ୱେ କେତେଜଣ ଅମାନିଆ ଏବେ ବି ବିନା ମାସ୍କ ରେ ବୁଲୁଛନ୍ତି। ପୋଲିସ କଡା ଆଭିମୁଖ୍ୟ ଗ୍ରହଣ ନ କଲେ ଫେବୃୟାରୀ ବେଳକୁ ଅବସ୍ଥା ଅସମ୍ଭାଳ ହେବ ବୋଲି ବିଶେଷଜ୍ଞମାନେ ମତ ବ୍ୟକ୍ତ କରୁଛନ୍ତି। ବିଭିନ୍ନ ସାମାଜିକ ଅନୁଷ୍ଠାନ ଏଦିଗରେ ଲୋକଙ୍କୁ ସଚେତନ କରିବା ସହ ପୋଲିସକୁ ସାହାର୍ଯ୍ୟ କରିବା ଉଚିତ୍ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

# ଭୂତପୂର୍ବ ସୈନିକ ସଂଘର କାର୍ଯ୍ୟକାରିଣୀ

## ଭାଇସ୍ ଆଡ୍‌ମିରାଲଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି

**ଓଡ଼ଗାଁ, ୯।୧(ସ୍ୱ.ପ୍ର.)**

ଓଡ଼ିଶା ରାଜ୍ୟ ଭୂତପୂର୍ବ ସୈନିକ ସଂଘର କାର୍ଯ୍ୟକାରିଣୀ ବୈଠକ ଶନିବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ବ୍ରିଗେଡିୟର ବରଦା ପ୍ରସନ୍ନ ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ସମ୍ପାଦକ କଲୋନେଲ ଡ. ଲୋକନାଥ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଭା ପ୍ରାରମ୍ଭରୁ ଦିବଂଗତ ଆଡ୍‌ମିରାଲ ଏସ୍.ଏଚ୍. ଶର୍ମାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ୨ ମିନିଟ ନୀରବ ପ୍ରାର୍ଥନା କରାଯିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବୈଠକରେ ମୁଖ୍ୟତଃ ସଭ୍ୟ ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରାଯିବା ସହିତ ଭେଟେରାନ୍‌ମାନେ ଅବସରକାଳୀନ ସମୟରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହାସହିତ ଉନ୍ନତମାନର ହସ୍ପିଟାଲରେ ଇସିଏଚ୍‌ଏସ୍ ସୁବିଧା ଯୋଡ଼ିବା ଏବଂ ଜରୁରିକାଳୀନ ପରିସ୍ଥିତିରେ ସିଧାସଳଖ ଚିକିତ୍ସା ସୁବିଧା ହାସଲ କରିବା, କ୍ୟାଣ୍ଟିନ ସୁବିଧାକୁ ସୁବ୍ୟବସ୍ଥିତ କରିବା ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏ ନେଇ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସ୍ଥିର କରାଯାଇଥିଲା। ଏତଦ୍‌ବ୍ୟତୀତ ଜିଲା ସୈନିକ ବୋର୍ଡରେ ଦୀର୍ଘବର୍ଷ ହେଲା ଖାଲି ପଡିଥିବା ଜିଲା ଅଧିକାରୀ ଅର୍ଥାତ୍ ସୈନିକ ବୋର୍ଡ ସମ୍ପାଦକ ପଦବୀ ପୂରଣ ଲାଗି ରାଜ୍ୟ ସୈନିକ ବୋର୍ଡ ସମ୍ପାଦକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହାସହିତ ଇନ୍‌ଫୋସିସ୍ ବଦାନ୍ୟତାରୁ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବହୁ ପ୍ରତୀକ୍ଷିତ ସୈନିକ ଆରାମ ଗୃହକୁ ଯଥାଶୀଘ୍ର ରାଜ୍ୟ ସରକାର ହାତକୁ ନେଇ ବିଦ୍ୟୁତ୍ ଓ ପାଣିର ବନ୍ଦୋବସ୍ତ କରିବାକୁ ରାଜ୍ୟ ସୈନିକ ବୋର୍ଡର ଦୃଷ୍ଟି ଆକର୍ଷଣ କରାଯାଇଥିବା ଉପସଭାପତି କଲୋନେଲ ବସ୍ତିଆ ସୂଚନା ଦେଇଥିଲେ। ଖୁବ୍‌ଶୀଘ୍ର ବାର୍ଷିକ ଭେଟେରାନ ସମାବେଶ କରିବାକୁ କାର୍ଯ୍ୟକ୍ରମ ସ୍ଥିର କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏହି ବୈଠକରେ ବରିଷ୍ଠ ଉପସଭାପତି କଲୋନେଲ ବୀରେନ୍ଦ୍ର ବସ୍ତିଆ, ଯୁଗ୍ମ ସମ୍ପାଦକ କଲୋନେଲ ପ୍ରଶାନ୍ତ ସିଂହ, ସୁବେଦାର ପି.କେ. ଦାଶ, ସୁବେଦାର ମେଜର ନୃସିଂହ ଚରଣ ପଣ୍ଡା, ଯୁଗ୍ମ ସମ୍ପାଦକ ବନବିହାରୀ ମିଶ୍ର ଓ ହାବିଲଦାର ପ୍ରହଲ୍ଲାଦ ଗଣ୍ଡିଆଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ୧୯୭୨ ବ୍ୟାଚ୍ ମାଟ୍ରିକ ଛାତ୍ରଙ୍କ ବନ୍ଧୁ ମିଳନ

**ଖଣ୍ଡପଡ଼ା,୯।୧(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ନୀଳମାଧବ ବିଦ୍ୟାପୀଠ ୧୯୭୨ ମାଟ୍ରିକ ବ୍ୟାଚ୍‌ର ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂଘର ସଭାପତି ବସନ୍ତ କୁମାର ମହାରଣା, ସମ୍ପାଦକ ଶ୍ରୀପତି ମହାରଣା, କୋଷାଧକ୍ଷ ପ୍ରଫୁଲ୍ଲ କୁମାର ମହାପାତ୍ର ଓ ବିଜୟ କୁମାର ଶିରୋମଣୀଙ୍କ ଆବାହକତ୍ୱରେ ରବିବାର ଶିକ୍ଷାନୁଷ୍ଠାନର ୭୦ରୁ ଉର୍ଦ୍ଧ୍ୱ ଛାତ୍ର ପରିବାର ସଦସ୍ୟଙ୍କ ସହ କଣ୍ଟିଲୋ କଂସାରୀ ସମାଜ କଲ୍ୟାଣ ସଦନଠାରେ ଏକତ୍ରିତ ହୋଇଥିଲେ। ଦୀର୍ଘ ୫୦ବର୍ଷ ପରେ ପୁରାତନ ସହପାଠୀମାନେ ଏକାଠି ହୋଇ ବିଗତ ଦିନର ସ୍ମୃତିକୁ ରୋମନ୍ଥନ କରିବା ସହ ଦୀର୍ଘ ବର୍ଷ ବ୍ୟବଧାନରେ ପରସ୍ପରକୁ ଭେଟି ଥିବାରୁ ଭାବବିହ୍ୱଳ ହୋଇପଡିଥିଲେ। ଏହି ବନ୍ଧୁମିଳନରେ ଡ.ବିଜୟ କୁମାର ଶତପଥୀ, ବିଜୟ କୁମାର ମହାନ୍ତି, ଜୟକୃଷ୍ଣ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ଗାନ୍ଧୀ ମୂର୍ତ୍ତି ତଳେ ଭାଜପାର ଧାରଣା

**ଓଡ଼ଗାଁ, ୯।୧(ସ୍ୱ.ପ୍ର.)**

ପଞ୍ଜାବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗସ୍ତ ବେଳେ ରାସ୍ତା ଅବରୋଧ କରାଯିବା ଓ ପ୍ରଧାନମନ୍ତ୍ରୀ ସଭାରେ ଯୋଗଦେଇ ନ ପାରି ଫେରିଆସିବା ଘଟଣାର ପ୍ରତିବାଦରେ ଭାଜପା ପକ୍ଷରୁ ଏଠାରେ ମୌନ ଧାରଣା ଶନିବାର ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସକୁ ବାପୁ ସଦ୍‌ବୁଦ୍ଧି ଦିଅନ୍ତୁ ବୋଲି ଭାଜପା କର୍ମୀମାନେ ସ୍ଲୋଗାନ ଦେଇଥିଲେ। ସ୍ଥାନୀୟ ବ୍ଲକ ଛକରେ ଥିବା ଶହୀଦ ସ୍ମୃତି ପରିଷଦ ପରିସରରେ ଭାଜପା କର୍ମୀମାନେ ଗାନ୍ଧୀ ମୂର୍ତ୍ତି ତଳେ ଶନିବାର ଅପରାହ୍ନ ୪ଟାରୁ ଅଧ ଘଣ୍ଟା ପାଇଁ ମୌନ ଧାରଣା ଦେଇଥିଲେ। ଏଥିରେ ଭାଜପା ରାଜ୍ୟ ମହିଳା କାର୍ଯ୍ୟକାରିଣୀ ସଦସ୍ୟା ତଥା ବିଧାୟକ ପ୍ରାର୍ଥୀ ଇରାନୀ ରାୟ, ଜିଲା ପ୍ରଭାରୀ ନିରନ ମିଶ୍ର, ମଣ୍ଡଳ ସଭାପତି ଦୁର୍ଗାଚରଣ ପଣ୍ଡା,ସଦସ୍ୟ ପ୍ରକାଶ ଦାଶ ଏବଂ ଚୈତନ୍ୟ ମହାରଣାଙ୍କ ସମେତ ଅନ୍ୟ ଭାଜପା କର୍ମୀମାନେ ସାମିଲ ହୋଇଥିଲେ। ଏହି ଅବସରରେ ପଞ୍ଜାବର କଂଗ୍ରେସ ସରକାରଙ୍କ କାର୍ଯ୍ୟକୁ ତୀବ୍ର ନିନ୍ଦା କରାଯାଇଥିଲା। ନରେନ୍ଦ୍ର ମୋଦୀଙ୍କ ଦୀର୍ଘ ଜୀବନ କାମନା କରି ପୂର୍ବରୁ ବିଭିନ୍ନ ସ୍ଥାନରେ ଭାଜପା କର୍ମୀମାନେ ପୂଜାର୍ଚ୍ଚନା କରିଥିଲେ।

# ନୀଳମାଧବ ମନ୍ଦିର ରଙ୍ଗ କାମ ଟଙ୍କା ପାଣିରେ ପଡ଼ିଲା

**ଖଣ୍ଡପଡ଼ା,୯।୧(ସ୍ୱ.ପ୍ର)**

ଶ୍ରୀନୀଳମାଧବଙ୍କ ମନ୍ଦିରର ସୌନ୍ଦର୍ଯ୍ୟକରଣ ତଥା ରଙ୍ଗ ଦେବା ପାଇଁ ପ୍ରାୟ ୫୦ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ସେହି କାମ ସମ୍ପୂର୍ଣ୍ଣ ଶେଷ ହୋଇ ନ ଥିବା ବେଳେ ଦାୟିତ୍ୱରେ ଥିବା ସଂସ୍ଥା କାମ ଛାଡ଼ି ଚାଲି ଯାଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ନିମ୍ନମାନର କାମ ହୋଇଥିବାରୁ ମନ୍ଦିରରେ ଦିଆଯାଇଥିବା ଧଳା ରଙ୍ଗ ୨ ମାସ ପରେ ସବୁଜ ରଙ୍ଗ ହୋଇଯାଇଥିବା ନୀଳମାଧବ ଜୀଉଙ୍କ ପରାମର୍ଶଦାତା କମିଟି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି।



ସୂଚନା ଅନୁଯାୟୀ, ନୟାଗଡ଼ ଜିଲାର ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର କଣ୍ଟିଲୋର ଶ୍ରୀ ନୀଳମାଧବ ଜୀଉଙ୍କ ମନ୍ଦିର ବ୍ରହ୍ମାଦ୍ରୀ ପାହାଡ଼ ଶିଖରରେ ରହିଛି। ଏହି ମନ୍ଦିରର ଉନ୍ନତି ତଥା ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ୧୯୮୯ରେ ଏହି ପୀଠ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ପାଇଥିଲା। ହେଲେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରା ନ ଯିବାରୁ ସେହି ମନ୍ଦିର ଅବହେଳିତ ଭାବେ ରହି ଆସିଥିଲା। ୨୦୧୪ ସେପ୍ଟେମ୍ବରରେ ମନ୍ଦିର ପରିସରରେ ଥିବା ମୁଖ୍ୟ ନୀଳମାଧବ ମନ୍ଦିର ସମେତ ଅନ୍ୟାନ୍ୟ ପାର୍ଶ୍ୱ ମନ୍ଦିରଗୁଡ଼ିକୁ ରଙ୍ଗ ଦିଆଯିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏଥିସହିତ ମେଘନାଦ ପ୍ରାଚୀର, ଦେବସ୍ନାନ ମଣ୍ଡପ ଓ ପଶ୍ଚିମ ଦ୍ୱାରର ଆବଶ୍ୟକ ମରାମତି ପାଇଁ ପ୍ରାୟ ୫୦ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଥିଲା। ସେହି କାମ କରିବା ଦାୟିତ୍ୱ ଭୁବନେଶ୍ୱରର ଏକ ସଂସ୍ଥାକୁ ଦିଆଯାଇଥିଲା। ମାତ୍ର ଉକ୍ତ ସଂସ୍ଥା ଦ୍ୱାରା ନୀଳମାଧବ ଜୀଉଙ୍କ ମୁଖ୍ୟ ମନ୍ଦିର ବ୍ୟତୀତ ସେହି ପରିସରରେ ଥିବା ଅନ୍ୟାନ୍ୟ ସମସ୍ତ ମନ୍ଦିରରେ ଧଳା ରଙ୍ଗ ଦିଆଯାଇଥିଲା। ହେଲେ ସେହି ରଙ୍ଗ କାମ ସମ୍ପନ୍ନ ହେବାର ୨ ମାସ ପରେ ଧଳା ରଙ୍ଗ ସବୁ ସବୁଜରେ ପରିଣତ ହୋଇଥିଲା। ଏ ସମ୍ପର୍କରେ ନୀଳମାଧବ ଜୀଉଙ୍କ ପରାମର୍ଶଦାତା କମିଟି ବୈଠକରେ ଆଲୋଚନା କରାଯାଇ ସଂସ୍ଥାର ମୁଖ୍ୟଙ୍କୁ ଅବଗତ କରାଯାଇଥିଲା। ମାତ୍ର କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା।

